## ଭାଜପାର ବିଜୟ ନେଇ ଔପଦାରେ ଖୁସିର ଲହରି

ଔପଦା, ୪।୬ (ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ବିଜୟୀ ହେବା ପରେ ଔପଦାରେ ନେତା, କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ୨୦୨୪ ନିର୍ବାଚନରେ ବିଜୟୀ ବିଧାୟକ ସନ୍ତୋଷ ଖଟୁଆ ବିଜେଡି ଛାଡି ଭାଜପାରେ ମିଶିଥିବା ବେଳେ ସୁକାନ୍ତ ନାୟକ ଭାଜପା ଛାଡି ବିଜେଡିରେ ମିଶିଥିଲେ। ନିର୍ବାଚନ ଫଳ ଘୋଷଣା ପରେ ସନ୍ଧ୍ୟାରେ ଭାଜପାର ଶତାଧିକ ସଂଖ୍ୟାର କର୍ମକର୍ତ୍ତା ଭାଜପା ଜିନ୍ଦାବାଦ ନାରା ଦେଇ ବାଣ ଫୁଟାଇ ମିଠା ବଣ୍ଟନ କରିଥିଲେ। ସେହିପରି ସିମୁଳିଆ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡାଙ୍କ ବିଜୟୀକୁ ନେଇ ଔପଦା ବଜାରରେ ମଧ୍ୟ ସମର୍ଥକଙ୍କ ମଧ୍ୟରେ ଖୁସି ମନାଇଥିବା ଦେଖାଯାଇଥିଲା।

# ଭଦ୍ରକରେ ଭୁଶୁଡ଼ିଲା ବିଜେଡି ଦୁର୍ଗ

## ଲୋକ ସଭା ଆସନ ହାତେଇଲା ଭାଜପା

ଭଦ୍ରକ,୪।୬(ସନାତନ ରାଉତ)

ଭଦ୍ରକ ଜିଲାରେ ଏଥର ବିଜେଡିର ଦୁର୍ଗ ଭୁଶୁଡ଼ି ଯାଇଛି। ଭଦ୍ରକ ବିଧାନସଭା କ୍ଷେତ୍ରକୁ ବାଦ୍ ଦେଇ ଜିଲାର ଅନ୍ୟ ୪ଟି ଆସନରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଭଦ୍ରକରେ ମେଡିକାଲ କଲେଜ ପ୍ରସଙ୍ଗ ବିଜେଡି ପାଇଁ ମହଙ୍ଗା ପଡ଼ିଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏଥର ଭଦ୍ରକ ଲୋକ ସଭା ଆସନ ଭାଜପା ହାତେଇ ନେଇଛି। ଚାନ୍ଦବାଲି ବିଧାନସଭା ଆସନ ପାଇଁ ଭାଜପାରୁ ପ୍ରାର୍ଥୀ ହୋଇଥିବା ହେଭିୱେଟ୍ ନେତା ରାଜ୍ୟ ସଭାପତି ମନମୋହନ ସାମଲ, ଭଦ୍ରକର ବିଜେଡି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ଭଣ୍ଡାରିପୋଖରୀ ଆସନର କଂଗ୍ରେସ ପ୍ରାର୍ଥୀ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିର୍ବାଚନରେ ପରାଜିତ ହୋଇଛନ୍ତି। ଭଦ୍ରକ ଲୋକ ସଭା ଆସନ ବିଜେଡି ହାତରୁ ଖସିଯିବା ସହ ଭଦ୍ରକ, ଧାମନଗର ଓ ବାସୁଦେବପୁର ବିଧାନସଭା ଆସନ ମଧ୍ୟ ଦଳ ଦଖଲ କରିପାରି ନାହିଁ।

ଭଦ୍ରକ ଲୋକ ସଭାରେ ଅଭିମନ୍ୟୁ ସେଠୀ ବିଜେଡି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳଙ୍କୁ ୯୦ହଜାରରୁ ଊର୍ଦ୍ଧ୍ୱ ଭୋଟରେ ହରାଇ ଦେଇଛନ୍ତି। ସେହିପରି ଭଦ୍ରକ ବିଧାନସଭା କ୍ଷେତ୍ରରେ ଭାଜପାର ସିତାଂଶୁ ଶେଖର ମହାପାତ୍ର ବିଜେଡିର ଭେଟେରାନ୍ ଲିଡର ପ୍ରଫୁଲ୍ଲଙ୍କୁ ୧୫,୮୨୦ ଭୋଟରେ ହରାଇଛନ୍ତି। ଧାମନଗର ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଦ୍ୱିତୀୟଥର ପାଇଁ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଡା. ସଞ୍ଜୟ ଦାସଙ୍କୁ ୮ ହଜାର ୯୫ ଖଣ୍ଡ ଭୋଟରେ ହରାଇଛନ୍ତି ସୂର୍ଯ୍ୟବଂଶୀ। ବାସୁଦେବପୁରରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହୋଇଛି। ବିଜେଡିପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କୁ ୬୩୧ ଭୋଟ୍‌ରେ ହରାଇଛନ୍ତି କଂଗ୍ରେସ ପ୍ରାର୍ଥୀ ଅଶୋକ ଦାସ। ଭଣ୍ଡାରିପୋଖରୀରେ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସଞ୍ଜୀବ ମଲ୍ଲିକଙ୍କଠାରୁ ୧୫୫୧ ଭୋଟରେ ପରାଜିତ ହୋଇଛନ୍ତି। ଚାନ୍ଦବାଲିରେ ଭାଜପା ପ୍ରାର୍ଥୀ ମନମୋହନ ବିଜେଡି ପ୍ରାର୍ଥୀ ଡ. ବ୍ୟୋମକେଶ ରାୟଙ୍କଠାରୁ ୧୯୧୬ ଭୋଟ୍‌ରେ ପରାଜିତ ହୋଇଛନ୍ତି।

ନିର୍ବାଚନ କମିଶନରଙ୍କ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ, ଭଦ୍ରକ ବିଧାନସଭାରେ ଭାଜପା ପ୍ରାର୍ଥୀ ସିତାଂଶୁଙ୍କୁ ୮୨,୨୮୨ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡିର ପ୍ରଫୁଲ୍ଲଙ୍କୁ ୬୬,୨୧୪ ଭୋଟ ମିଳିଛି। ସେହିପରି ତୃତୀୟ ସ୍ଥାନରେ ଥିବା କଂଗ୍ରେସର ଅସିତ୍ ପଟ୍ଟନାୟକଙ୍କୁ ୪୩,୫୫୭ ଭୋଟ ମିଳିଛି। ଧାମନଗରରେ ଭାଜପାର ସୂର୍ଯ୍ୟବଂଶୀଙ୍କୁ ୯୦,୫୫୫ ଓ ବିଜେଡି ପ୍ରାର୍ଥୀ ସଞ୍ଜୟଙ୍କୁ ୮୨,୪୬୦ ଭୋଟ ମିଳିଛି। ତୃତୀୟ ସ୍ଥାନରେ ଥିବା କଂଗ୍ରେସର ରଞ୍ଜନ ବେହେରା ୫,୭୩୨ ଖଣ୍ଡ ଭୋଟ ପାଇଛନ୍ତି। ବାସୁଦେବପୁରରେ କଂଗ୍ରେସ ପ୍ରାର୍ଥୀ ଅଶୋକଙ୍କୁ ୭୭,୮୪୩ ଭୋଟ ମିଳିଥିବା ବେଳେ ବିଜେଡିର ବିଷ୍ଣୁବ୍ରତଙ୍କୁ ୭୭,୨୧୨ ଭୋଟ ମିଳିଛି। ତୃତୀୟ ସ୍ଥାନରେ ଥିବା ଭାଜପାର ବାଣୀକଲ୍ୟାଣ ମହାନ୍ତିଙ୍କୁ ୪୨,୨୭୮ ଖଣ୍ଡ ଭୋଟ ମିଳିଛି। ଭଣ୍ଡାରିପୋଖରୀରେ ସଞ୍ଜୀବଙ୍କୁ ୭୨,୪୪୭, କଂଗ୍ରେସର ନିରଞ୍ଜନଙ୍କୁ ୭୦,୮୯୬ ଓ ତୃତୀୟ ସ୍ଥାନରେ ଥିବା ଭାଜପା ପ୍ରାର୍ଥୀ ସୁଧାଂଶୁ ଶେଖର ନାୟକଙ୍କୁ ୩୮,୯୫୨ ଭୋଟ ମିଳିଛି।

## ଧାମନଗରରେ ପୁଣି ସୂର୍ଯ୍ୟବଂଶୀ


ଆନନ୍ଦପୁର ପଞ୍ଚାୟତରେ ଭାଜପା କର୍ମୀମାନେ ବାଜା ବଜାଇ ଖୁସି ମନାଉଛନ୍ତି।

ଧାମନଗର, ୪।୬ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଜୟ ହାସଲ କରିଛି। ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ପୁଣିଥରେ ଏହି ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଧାମନଗରର ସ୍ୱାଭିମାନୀ ଭୋଟର ପୁନର୍ବାର ତାଙ୍କ ଉପରେ ଭରସା କରି ଦ୍ୱିତୀୟବାର ବିଧାୟକ ଆସନରେ ବସାଇଛନ୍ତି। ସୂର୍ଯ୍ୟବଂଶୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଡା. ସଞ୍ଜୟ କୁମାର ଦାସଙ୍କୁ ୮ ହଜାର ୯୫ ଖଣ୍ଡ ଭୋଟ ବ୍ୟବଧାନରେ ହରାଇଛନ୍ତି। ସୂର୍ଯ୍ୟବଂଶୀ ୯୦ ହଜାର ୫୫୫ ଖଣ୍ଡ ଭୋଟ ପାଇଥିବା ବେଳେ ସଞ୍ଜୟ ୮୨ ହଜାର ୪୬୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ରଞ୍ଜନ କୁମାର ବେହେରା ମାତ୍ର ୫ ହଜାର ୭୩୨ ଖଣ୍ଡ ଭୋଟ ପାଇଛନ୍ତି।

ଧାମନଗରର ସଚେତନ ତଥା ସ୍ୱାଭିମାନୀ ଭୋଟର ବିଜେଡି ନେତାଙ୍କ ଅହଂକାରର ଉଚିତ ଜବାବ ଦେଇଛନ୍ତି ବୋଲି ଭାଜପାର ବହୁ ବରିଷ୍ଠ ନେତା ମନ୍ତବ୍ୟ ଦେଉଥିବା ବେଳେ ଏହି ବିଜୟ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଜନ ଅସନ୍ତୋଷର ପ୍ରତିଫଳନ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ନିର୍ବାଚନ ଫଳାଫଳ ଘୋଷଣା ପରେ ଭାଜପା କର୍ମୀମାନେ ବିଜୟ ଉତ୍ସବ ମନାଇଛନ୍ତି। ଧାମନଗର ବ୍ଲକର ଦୋବଲ, ଖଡ଼ିପଦା, ସୋହଡ଼ା, ପଧାନୀ, କରଦା, ମୁସ୍ତାଫାପୁର, ଆନନ୍ଦପୁର ଆଦି ପଞ୍ଚାୟତରେ ଭାଜପା କର୍ମୀମାନେ ବାଣ ଫୁଟାଇ ବାଜା ବଜାଇ ଗାଁ ବୁଲି ଖୁସି ମନାଇଥିଲେ।

## ସଞ୍ଜୀବଙ୍କ ବିଜୟ, ଖୁସି ମନାଇଲେ କର୍ମୀ

### ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ


ସଞ୍ଜୀବ କୁମାର ମଲ୍ଲିକ।

ଭଣ୍ଡାରିପୋଖରୀ, (ରାଜେନ୍ଦ୍ର ଶତପଥୀ)/ବନ୍ତ(ହରିନାରାୟଣ ମହାନ୍ତି), ୪।୬

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ୧୫୫୧ ଭୋଟରେ ପରାଜିତ କରି ବିଜୟ ମୁକୁଟ ପିନ୍ଧିଛନ୍ତି। ସଞ୍ଜୀବ ୭୨ ହଜାର ୪୪୭ ଭୋଟ ମିଳିଥିବା ବେଳେ ନିରଞ୍ଜନ ୭୦ ହଜାର ୮୯୬ ଖଣ୍ଡ ଭୋଟ ପାଇଛନ୍ତି। ଭାଜପା ପ୍ରାର୍ଥୀ ସୁଧାଂଶୁ ଶେଖର ନାୟକ ୩୮ ହଜାର ୯୫୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ଗଣତି ହୋଇଥିବା ୧୯ ରାଉଣ୍ଡ ମଧ୍ୟରୁ ୧୭ତମ ରାଉଣ୍ଡ ପର୍ଯ୍ୟନ୍ତ ନିରଞ୍ଜନ ଆଗୁଆ ରହିଥିଲେ। ୧୮ତମ ରାଉଣ୍ଡରେ ସଞ୍ଜୀବ ନିରଞ୍ଜନଙ୍କୁ ପଛରେ ପକାଇ ଦେଇଥିଲେ। ଶେଷ ରାଉଣ୍ଡରେ ସଞ୍ଜୀବ ବିଜୟ ହାସଲ କରିଥିଲେ। ସଞ୍ଜୀବଙ୍କ ବିଜୟ ନେଇ ବନ୍ତ ବ୍ଲକର ୨୫ ପଞ୍ଚାୟତରେ ଦଳୀୟ କର୍ମୀମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି।

ଏହି ଆସନଟି ଦୀର୍ଘ ୧୫ ବର୍ଷ ଧରି ବିଜେଡି ହାତରେ ରହିଥିଲା। ଚଳିତ ନିର୍ବାଚନରେ ନିରଞ୍ଜନ ଏଠାରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ତାଙ୍କ ସହ କଡ଼ା ଟକ୍କର ହୋଇଥିଲା। ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ସଞ୍ଜୀବ ଏହି ଗଡ଼କୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛନ୍ତି।

# ବିଜେଡି ଗଡ଼ ଦଖଲ କଲା ଭାଜପା


ବିଜୟ ପରେ ଭଦ୍ରକ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର ଓ ଲୋକସଭା ଆସନ ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ଶୋଭାଯାତ୍ରା।

## ସିତାଂଶୁଙ୍କ ବାଜିମାତ୍

ଭଦ୍ରକ, ୪।୬ (ସନାତନ ରାଉତ/ ରବିନାରାୟଣ ଖିଲାର)

ଏଥର ସାଧାରଣ ନିର୍ବାଚନରେ ଭଦ୍ରକ ବିଧାନସଭା କ୍ଷେତ୍ରରେ ନବାଗତ ଭାଜପା ପ୍ରାର୍ଥୀ ସୀତାଂଶୁ ଶେଖର ମହାପାତ୍ରଙ୍କୁ ଲୋକେ ଭରସା କରିଛନ୍ତି। ଏହି ଆସନ ପାଇଁ ନିର୍ବାଚନ ଲଢ଼ି ସିତାଂଶୁ ବାଜିମାତ୍ କରିଛନ୍ତି। ସିତାଂଶୁଙ୍କ ବିଜୟ ନେଇ ଭାଜପା ଶିବିରରେ ଖୁସିର ଲହରି ଖେଳି ଯାଇଥିବା ବେଳେ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀ ଦୀର୍ଘ ୨୫ ବର୍ଷ ଧରି ବିଜେଡି ଦଖଲରେ ଥିଲା। ପ୍ରଥମଥର ପାଇଁ ଭାଜପା ବିଜେଡିର ଗଡ଼କୁ ଦଖଲ କରିବାରେ ସଫଳ ହୋଇଛି। ଗଣତି ଆରମ୍ଭରୁ ପ୍ରତି ରାଉଣ୍ଡ ଶେଷରେ ସିତାଂଶୁ ଆଗୁଆ ରହିଥିବା ବେଳେ ଶେଷ ଆଡ଼କୁ ବିଜୟ ବ୍ୟବଧାନ ବଢ଼ି ଚାଲିଥିଲା। ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କୁ ୧୫,୮୨୦ ଭୋଟ ବ୍ୟବଧାନରେ ହରାଇଛନ୍ତି ସିତାଂଶୁ। ତାଙ୍କ ବିଜୟ ପରେ କର୍ମୀମାନେ ବିଭିନ୍ନ ସ୍ଥାନରେ ବାଣ ଫୁଟାଇବା ସହ ବିଭିନ୍ନ ପ୍ରକାର ବାଦ୍ୟ ବଜାଇ ଉତ୍ସବ ମନାଇଛନ୍ତି। ସିତାଂଶୁଙ୍କ ସହ ଭଦ୍ରକ ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ଦଳୀୟ କର୍ମୀଙ୍କ ଗହଣରେ ଖୋଲାଗାଡ଼ିରେ ଭଦ୍ରକ କଲେଜଠାରୁ ରୋଡ୍ ଶୋରେ ସହର ପରିକ୍ରମା କରିଛନ୍ତି।

ସିତାଂଶୁ ଶହୀଦ ଭଗତସେନା ନାମରେ ସଙ୍ଗଠନ କରି ବହୁ ଗରିବ, ଅସହାୟଙ୍କୁ ସହାୟତା ପ୍ରଦାନ କରି ଜିଲା ଓ ଜିଲା ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବହୁ ଯୁବକଙ୍କୁ ସଙ୍ଗଠନରେ ରଖି ସେବା କାର୍ଯ୍ୟ କରିବା ସହ ଯୁବପିଢ଼ିଙ୍କ ଆଦର୍ଶ ସାଜିଥିଲେ। ପ୍ରଥମ କରି ରାଜନୀତିରେ ପାଦ ଦେବା ପାଇଁ ସେ ନିର୍ବାଚନର ମାତ୍ର ଦିନ କେଇଟା ପୂର୍ବରୁ ଭାଜପାରେ ସାମିଲ ହୋଇଥିଲେ। ଭାଜପା ତାଙ୍କ ଉପରେ ଭରସା କରି ଦଳୀୟ ଟିକେଟ ଦେଇଥିଲା। ଅପରପକ୍ଷେ ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକଙ୍କ ପୁଅ ଅସିତ୍ ପଟ୍ଟନାୟକ ବିଜେଡିରୁ ଟିକେଟ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରି କଂଗ୍ରେସରେ ସାମିଲ ହୋଇଥିଲେ। କଂଗ୍ରେସ ଟିକେଟରେ ଅସିତ୍ ନିର୍ବାଚନ ଲଢ଼ିଥିବାରୁ ବିଜେଡି ପାଇଁ ଏହା ଘାତକ ହେଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ନିର୍ବାଚନୀ ହିଂସା ନେଇ ଥାନାରେ ମାମଲା

ଭଣ୍ଡାରିପୋଖରୀ,୪।୬(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ଘଟି ଏକାଧିକ ନିର୍ବାଚନୀ ହିଂସା ନେଇ ମାମଲା ରୁଜୁ ହୋଇଛି। ଷୋଳମପୁର ପଞ୍ଚାୟତର ବିରୋଳି ଗ୍ରାମରେ ନିର୍ବାଚନ ପୂର୍ବଦିନ ଟଙ୍କା ବଣ୍ଟା ଓ ଧମକ ଦେବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଗ୍ରାମର ସଞ୍ଜୁଲତା ଜେନାଙ୍କ ଅଭିଯୋଗକ୍ରମେ ଥାନାରେ ୪ଜଣଙ୍କ ନାମରେ ମାମଲା (ନଂ.୨୩୨/୨୪) ରୁଜୁ କରାଯାଇଛି। ଅପରପକ୍ଷରୁ ପ୍ରୀତିରାଣୀ ଜେନାଙ୍କ ଅଭିଯୋଗକ୍ରମେ ଥାନାରେ ୪ଜଣଙ୍କ ନାମରେ ମାମଲା (ନଂ.୨୩୧/୨୪) ରୁଜୁ ହୋଇଛି। ଗତ ଶନିବାର ଭୋଟଗ୍ରହଣ ସମୟରେ ବର୍ଯ୍ୟାଁବନାପୁର ବୁଥ୍‌କୁ ଗ୍ରାମର ସୁଦର୍ଶନ ବେହେରା ମତଦାନ ପାଇଁ ଯାଇଥିବା ବେଳେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ ଦେବା ଲାଗି ଧମକ ଦିଆଯାଇଥିବା ଅଭିଯୋଗରେ ୨ ଜଣଙ୍କ ନାମରେ ମାମଲା (ନଂ.୨୩୩/୨୪) ରୁଜୁ ହୋଇଛି। ସେହିପରି କହରାପୋଖରୀ ଶାସନ ଗ୍ରାମର ଜଗବନ୍ଧୁ ନାୟକଙ୍କୁ ଆକ୍ରମଣ ନେଇ ଦାଦା ପୂର୍ଣ୍ଣଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ୭ଜଣଙ୍କ ନାମରେ ମାମଲା (ନଂ.୨୩୪/୨୪) ରୁଜୁ କରାଯାଇଛି। ଏହା ବିରୋଧରେ କହରାପୋଖରୀ ଶାସନ ଗ୍ରାମର ନିରଞ୍ଜନ ବେହେରାଙ୍କ ଅଭିଯୋଗ ଆଧାରରେ ଥାନାରେ ୧୦ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

## ୭ ନିର୍ବାଚନର ବିଜୟଧାରାକୁ ଭାଙ୍ଗିଲେ ଅଶୋକ

ବାସୁଦେବପୁର,୪।୬ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୭ଟି ନିର୍ବାଚନର ବିଜୟଧାରାକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାର ଦାସ। ୬୩୧ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କୁ ସେ ହରାଇଛନ୍ତି। ୧୯୯୦ଠାରୁ ଏହି ଆସନ ପାଇଁ ଲଢ଼ି କଂଗ୍ରେସ ୭ଟି ନିର୍ବାଚନରେ ପରାଜିତ ହୋଇଆସୁଥିବା ବେଳେ ଆଶୋକ ଏହାକୁ ବିଜୟରେ ପରିଣତ କରିଛନ୍ତି। ଗଣତି ଆରମ୍ଭରୁ ପ୍ରତି ରାଉଣ୍ଡରେ ଅଶୋକ ଆଗୁଆ ରହିଥିଲେ। ୧୨ ରାଉଣ୍ଡ ଗଣତି ପରେ ୮ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଆଗୁଆ ଥିଲେ। ପରେ ବିଜୟ ବ୍ୟବଧାନ ଧୀରେ ଧୀରେ କମିଥିଲା। ପ୍ରାୟ ୧୭ ରାଉଣ୍ଡ ଗଣତି ବେଳକୁ ବ୍ୟବଧାନ ୧୫୬୧କୁ ହ୍ରାସ ପାଇଥିଲା। ଆଶୋକଙ୍କ ବିଜୟ ପରେ କଂଗ୍ରେସ ମହଲରେ ଖୁସିର ଲହରି ଖେଳିଯିବା ସହ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରକାଶଥାଉ କି, ୧୯୯୦ ଠାରୁ ୨୦୧୯ ପର୍ଯ୍ୟନ୍ତ ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟ ଏହି ନିର୍ବାଚନମଣ୍ଡଳୀରୁ ଜନତା ଦଳ ଓ ବିଜେଡି ଟିକେଟରେ ଜିତି ଆସୁଥିଲେ। ୨୦୧୯ରେ ତାଙ୍କ ପୁଅ ବିଷ୍ଣୁବ୍ରତ ରାଉତରାୟ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ଜିତିଥିଲେ।

## ସୁବାସିନୀ ବିଜୟୀ ହେବା ପରେ ଶୁଭେଚ୍ଛାର ସୁଅ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳୀପଦା (ରାଜଶ୍ରୀ ପାଣିଗ୍ରାହୀ), ୪।୬

ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କଠାରୁ ୨୦ହଜାର ୩ଶହ ୪୮ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ବିଜୟୀ ହୋଇଛନ୍ତି।

ଏହି ନିର୍ବାଚନ ମଣ୍ଡଳୀରେ ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ୮୩, ୦୩୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକ ୬୨,୬୯୧ ଖଣ୍ଡ ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହି ପରାଜୟ ହୋଇଥିଲେ। ଭାଜପା ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ୪୨, ୪୯୫ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ସୁବାସିନୀ ବିଜୟୀ ହେବା ପରେ ସମର୍ଥକଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହେବା ସହ ସହିତ ଶୁଭେଚ୍ଛୁ ଓ କର୍ମୀମାନେ ପ୍ରଥମେ ବାଲେଶ୍ୱରସ୍ଥିତ ବାସଭବନ ଓ ପରେ ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଉପସ୍ଥିତ ହୋଇ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ତେବେ ରାଜ୍ୟରେ ବିଜେଡି ସରକାର ଗଠନ ପାଇଁ ସଂଖ୍ୟାଗରିଷ୍ଠତା ହ୍ରାସ କରି ପାରି ନ ଥିବାରୁ ବିଜୟ ଉତ୍ସବ ଫିକା ପଡ଼ିଯାଇଥିଲା।

## ଶନିଦେବଙ୍କ ବାର୍ଷିକୋତ୍ସବ, କଳସ ଶୋଭାଯାତ୍ରା

ବନ୍ତ,୪।୬ (ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକର ନିଳୋକ ପଞ୍ଚାୟତ ଘରପଦା ଗ୍ରାମରେ ଶନିଦେବଙ୍କ ୭ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଧନି ସା ପୋଖରୀରୁ ୫୪ କଳସ ଅଣାଯାଇ ଘଟ ସ୍ଥାପନା ପୂର୍ବକ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ କଳସ ଧାରଣ କରିଥିଲେ କୈଳାସ ଚନ୍ଦ୍ର ଚଢେଇ, ଉର୍ମିଳା ଚଢେଇ ଓ ନିହାର ରଞ୍ଜନ ଚଢେଇ। ଗ୍ରାମବାସୀମାନେ ଅନ୍ୟ କଳସ ଧାରଣ କରିଥିଲେ। ବସନ୍ତ କୁମାର ମିଶ୍ର ପୂଜା କାର୍ଯ୍ୟ, ଶାନ୍ତନୁ କୁମାର ପଣ୍ଡା, ଦିଲୀପ କୁମାର ଦାଶ, କମଳାକାନ୍ତ ପାଢ଼ୀ ଓ ଦୀପ୍ତିକାନ୍ତ ଉପାଧ୍ୟାୟ ଯଜ୍ଞ କାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ମାନସୀ ପାତ୍ର ଓ ସାଥୀଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଯଜ୍ଞ କାର୍ଯ୍ୟ ପାଇଁ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ନିଆଯାଉଛି।

# ୩ ପଞ୍ଚାୟତରେ ହୋଇପାରୁନି ଫସଲ

- ଚିଙ୍ଗୁଡ଼ି ଘେରି ଯୋଗୁ ମନ୍ତେଇରେ ଲୁଣାପାଣି
- ଚିନ୍ତାରେ ପଡ଼ିଛନ୍ତି ଚାଷୀ

ତିହିଡ଼ି,୪।୬ (ସଞ୍ଜିତ ବଳ)

ତିହିଡ଼ି ବ୍ଲକର ସୟା, ବାହାବଳପୁର ଓ ସାହାପୁର ପଞ୍ଚାୟତ ମଧ୍ୟ ଦେଇ ପ୍ରବାହିତ ମନ୍ତେଇ ନଦୀ ଜଳ ଏବେ ଲବଣାକ୍ତ ହୋଇଯାଇଛି। ଚିଙ୍ଗୁଡ଼ି ଘେରି ଯୋଗୁ ଏହି ନଦୀ ଜଳ ମଧୁର ହୋଇକପାରୁ ନାହିଁ। ଫଳରେ ବ୍ଲକ ଅଧୀନ ୩ ପଞ୍ଚାୟତରେ ରବି ଫସଲ ହୋଇପାରୁ ନାହିଁ। ଏହାକୁ ନେଇ ଗତ କିଛିବର୍ଷ ହେଲା ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି।

ସୟା, ବାହାବଳପୁର ଓ ସାହାପୁର ପଞ୍ଚାୟତରେ ଜଳସେଚନର କୌଣସି ବ୍ୟବସ୍ଥା ନାହିଁ। ସେଥିପାଇଁ ଚାଷୀମାନେ ନଦୀ ଜଳକୁ ଚାଷରେ ବିନିଯୋଗ କରି ଉପକୃତ ହୋଇଥାନ୍ତି। ବିଶେଷକରି ମରୁଡ଼ି ସମୟରେ ନଦୀ ଜଳକୁ ମଡ଼ାଇ ଚାଷୀମାନେ ଧାନଚାଷକୁ ରକ୍ଷା କରିଥାନ୍ତି। ଏସବୁ ପଞ୍ଚାୟତ ବନ୍ୟାପ୍ଲାବିତ ଅଞ୍ଚଳ ଭାବେ ପରିଗଣିତ। ବନ୍ୟା ସମୟରେ ଧାନ ଚାଷ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀମାନେ ରବି ଋତୁରେ ଚାଷ କରୁଥିଲେ। ଏଥିପାଇଁ ନଦୀ ଜଳ ହିଁ ଚାଷୀଙ୍କର ଏକମାତ୍ର ଭରସା ଥିଲା। ଏହାବ୍ୟତୀତ ନଦୀ ଜଳକୁ ବିନିଯୋଗ କରି ଚାଷୀମାନେ ସୂର୍ଯ୍ୟମୁଖୀ, ଗହମ ସହ ବିଭିନ୍ନ ପନିପରିବା ଚାଷ କରିପାରୁଥିଲେ। ଚାଷୀମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବାରେ ନଦୀର ଗୁରୁତ୍ୱପୂର୍ଣ୍ଣ ସହଯୋଗ ଥିଲା।


ସୟା ଓ ବାହାବଳପୁର ପଞ୍ଚାୟତ ପାର୍ଶ୍ୱରେ ପ୍ରବାହିତ ମନ୍ତେଇ ନଦୀ।

ଚିଙ୍ଗୁଡ଼ିଘେରି ହେବାଠାରୁ ଏହି ନଦୀର ଜଳ ଲବଣାକ୍ତ ହେବା ଆରମ୍ଭ ହୋଇଛି। ଧାମରାର ଚୁଡ଼ାମଣିଠାରୁ ସାହାପୁର ପଞ୍ଚାୟତ ଯାଏ କୋଷ୍ଟ କେନାଲ ଯାଇଛି। ପୂର୍ବରୁ ଏହି କେନାଲରେ ସମୁଦ୍ରର ଜୁଆର ପାଣି ଆସି ପୁଣି ସମୁଦ୍ରରେ ମିଶିଯାଉଥିଲା। ଯାହାଦ୍ୱାରା ମନ୍ତେଇ ନଦୀ ସୁରକ୍ଷିତ ରହୁଥିଲା। ତେବେ ଚାରିବାଟିଆଠାରୁ କେନାଲ ପାର୍ଶ୍ୱରେ ପ୍ରାୟ ଶହେ ଏକର ଜମିରେ ଚିଙ୍ଗୁଡ଼ିଘେରି କରାଯାଇଛି। ଚିଙ୍ଗୁଡ଼ି ଚାଷୀମାନେ ନିଜର ସ୍ୱାର୍ଥ ପାଇଁ କୋଷ୍ଟ କେନାଲ ଆଡ଼ିବନ୍ଧକୁ ବିଭିନ୍ନ ସମୟରେ କାଟି ଦେଉଛନ୍ତି। ଯାହାଦ୍ୱାରା ସମୁଦ୍ର ପାଣି ନଦୀରେ ମିଶି ଲୁଣାପାଣି କରିଦେଉଛି। ଏହାର ପ୍ରତିବାଦରେ ଉଭୟ ତିହିଡ଼ି ଓ ବାସୁଦେବପୁର ବ୍ଲକର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଆନ୍ଦୋଳନ କରି କୋଷ୍ଟ କେନାଲ ଆଡ଼ିବନ୍ଧକୁ କଂକ୍ରିଟ କରିବାକୁ ଦାବି ଜଣାଇଥିଲେ ବି ପୂରଣ ହୋଇପାରି ନ ଥିବା ସାହାପୁର ପଞ୍ଚାୟତ ଜାଫରାବାଦ ଗ୍ରାମର ଚାଷୀନେତା ରାମକୃଷ୍ଣ ମହାନ୍ତି କହିଛନ୍ତି। ବାହାବଳପୁର ପଞ୍ଚାୟତ ଅଧୀନ ପରମାନନ୍ଦପୁର ଗ୍ରାମର ଚାଷୀ ବାଇଧର ନାୟକ କହନ୍ତି, ଚିଙ୍ଗୁଡ଼ିଘେରି ନ ଥିବା ଦଧିବାମନପୁର ଅଞ୍ଚଳରେ ଏବେ ବି ନଦୀ ଜଳ ମଧୁର ରହିଛି। ପ୍ରଶାସନ ପକ୍ଷରୁ ଉଦ୍ୟମ କରାଗଲେ ନଦୀ ଜଳ ନିଶ୍ଚିତ ରୂପେ ଲବଣମୁକ୍ତ ହେବ ଏବଂ ଚାଷୀମାନେ ଉପକୃତ ହୋଇପାରିବେ। ଚିଙ୍ଗୁଡ଼ି ଚାଷୀଙ୍କ ଉପରେ ପ୍ରଶାସନର ଅଙ୍କୁଶ ରହିଲେ ଏବଂ କୋଷ୍ଟ କେନାଲ ଆଡ଼ିବନ୍ଧକୁ କଂକ୍ରିଟ କରାଗଲେ ମନ୍ତେଇ ନଦୀ ଜଳ ସୁରକ୍ଷିତ ରହିପାରିବ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଶହେ ଚିଙ୍ଗୁଡ଼ି ଚାଷୀଙ୍କ ପରିବର୍ତ୍ତେ ସହସ୍ରାଧିକ ଧାନ ଓ ପନିପରିବା ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ସାଳନ୍ଦୀ ଜଳସେଚନ ବିଭାଗର ଏସ୍‌ଡିଓ ରାଇକେନ ବେଶ୍ରା କହିଛନ୍ତି, ଉକ୍ତ କୋଷ୍ଟ କେନାଲ ଆଡ଼ିବନ୍ଧକୁ କଂକ୍ରିଟ କରାଯିବା ନେଇ ପ୍ରସ୍ତାବ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଯିବ। ମଞ୍ଜୁର ପରେ ପଦକ୍ଷେପ ନିଆଯିବ।

# ଭାଜପାର ଗଡ଼ ଦଖଲ, ବିଜେଡି ଧରାଶାୟୀ

କେନ୍ଦୁଝର,୪।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବହୁ ବର୍ଷ ପରେ ଭାଜପା ଲୋକ ସଭା ସିଟ୍ ବିଜେଡି ହାତରୁ ଛଡ଼ାଇନେଇଛି। କେନ୍ଦୁଝର ଲୋକ ସଭା ସିଟ୍‌ରେ ଭାଜପା ୩ ଥର ଜିତିଥିବା ବେଳେ ସବୁଥର ଏମ୍‌ପି ଭାବେ ଅନନ୍ତ ନାୟକ ହିଁ ବିଜୟୀ ହୋଇଛନ୍ତି। ବାଜପେୟୀଙ୍କ ସରକାରରେ ଅନନ୍ତ ୨ ଥର ଏମ୍‌ପି ହେବାର ସୁଯୋଗ ପାଇଥିଲେ। ପରେ ସେ କ୍ରମାଗତ ନିର୍ବାଚନରେ ପରାଜୟର ସମ୍ମୁଖୀନ ହୋଇଥିଲେ। ତାଙ୍କର ଲୋକଙ୍କ ସହିତ ସୁସମ୍ପର୍କ ସହ ଭୋଟରଙ୍କ ପରିବର୍ତ୍ତନର ସ୍ୱର ଏବଂ ମୋଦିଙ୍କ ଗ୍ୟାରେଣ୍ଟି ତାଙ୍କ ଜିତ୍‌ର ବାଟକୁ ସୁଗମ କରିଥିଲା। ସେ ବିଜେଡି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ପରାଜୟ କରିଛନ୍ତି। ଭାଜପା ଓ ବିଜେଡି ମେଣ୍ଟ ଭାଙ୍ଗିବା ପରଠାରୁ ଏହି ସିଟ୍ କ୍ରମାଗତ ବିଜେଡି ହାତରେ ଥିଲା।

ସେହିପରି ଭାଜପା ଜିଲାର ୬ ବିଧାନସଭା ନିର୍ବାଚନମଣ୍ଡଳୀରୁ ୩ରେ ବିଜୟ ହାସଲ କରିଛି। ତନ୍ମଧ୍ୟରୁ ବରିଷ୍ଠ ନେତା ମୋହନ ମାଝି ଚତୁର୍ଥ ଥର

## ତୃତୀୟ ଥର ଅନନ୍ତ, ଭାଜପା, ବିଜେଡି ୩-୩

ପାଇଁ ଏବଂ କ୍ରମାଗତ ୨ଥର କେନ୍ଦୁଝର ବିଧାନସଭାରୁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମୀନା ମାଝିଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ସେହିପରି ନବାଗତ ଭାଜପାର ବରିଷ୍ଠ ନେତା ଡା. ଫକୀର ଚରଣ ନାୟକ ତେଲକୋଇ ନିର୍ବାଚନମଣ୍ଡଳୀରୁ ଜିତିଥିବା ବେଳେ ବରିଷ୍ଠ ନେତା ଅଖିଳ ନାୟକ ପାଟଣା ନିର୍ବାଚନମଣ୍ଡଳୀରୁ ବିଜୟ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପାଟଣାରେ ବିଜେଡିର ଗତ ଥରର ବିଧାୟକ ଜଗନ୍ନାଥ ନାୟକଙ୍କୁ ହରାଇ ଅଖିଳ ଗଡ଼ ଦଖଲ କରିଛନ୍ତି। ଡାକ୍ତର ଫକୀର ନାୟକ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି, ବିଜେଡିର ପୂର୍ବତନ ଜିଲା ସଭାପତି ମାଧବ ସର୍ଦ୍ଦାରଙ୍କୁ ହରାଇ ବାଜିମାତ୍ କରିଛନ୍ତି। ପୂର୍ବରୁ ପାଟଣା ଓ ତେଲକୋଇ ସିଟ୍ ବିଜେଡିର ଗଡ଼ ଥିଲା। ଡାକ୍ତର ଚାକିରି ଛାଡ଼ି ବର୍ଷ ତମାମ ଲୋକଙ୍କ ସହ ଯୋଡ଼ିହୋଇ ରହିବା ସହ


ଅନନ୍ତ ନାୟକଙ୍କୁ ତାଙ୍କ ସ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ଗାଁ ଗାଁ ବୁଲି ଲୋକଙ୍କ ସେବାକରି ଲୋକଙ୍କ ନିକଟତର ହେବା ଓ ମୋଦିଙ୍କ ଗ୍ୟାରେଣ୍ଟି ତାଙ୍କ ବିଜୟର ମୁଖ୍ୟ କାରଣ ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷରେ ବିଜେଡି ଅନ୍ୟ ୩ ଆସନରେ କ୍ରମାଗତ ବିଜୟ ହାସଲ କରିଛି। ଘଷିପୁରାରେ ଅଭିଜ୍ଞ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ପୁଣି ଥରେ ବିଜୟର ପତାକା ପୋତିଛନ୍ତି। ସେ ୮୨,୩୦୯ ଭୋଟ ପାଇଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ୧୩,୭୫୧ ଭୋଟ ବ୍ୟବଧାନରେ ହରାଇଛନ୍ତି। ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ନବାଗତ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ପୂର୍ବତନ ପିସିସି ସଭାପତି ତଥା ମନ୍ତ୍ରୀ ଜୟଦେବ ଜେନାଙ୍କୁ ୧୧,୦୨୫ ଭୋଟ ବ୍ୟବଧାନରେ ହରାଇ ପୁଣି ଥରେ ବିଜେଡି ଦୁର୍ଗକୁ ଦଖଲରେ ରଖିଛନ୍ତି। ସିଟ୍‌ଟି ମଧ୍ୟ ମେଣ୍ଟ ସରକାର ଭାଙ୍ଗିବା ଦିନଠାରୁ ବିଜେଡି ଦଖଲରେ ରହିଆସିଛି। ଜିଲାର ବିତ୍ତଶାଳୀ ଚମ୍ପୁଆ ନିର୍ବାଚନମଣ୍ଡଳୀକୁ ପୁଣି ବିଜେଡି ନିଜ ଦଖଲରେ ରଖିଛି। ଏଠାରେ ବିଜେଡି ପ୍ରାର୍ଥୀ ଭାବରେ ପୂର୍ବତନ ବିଧାୟକ ସନାତନ ମହାକୁଡ଼ ଲଢ଼ି ଭାଜପାର ମୁରଲୀ ମନୋହର ଶର୍ମାଙ୍କୁ ହରାଇ ପୁଣି ଥରେ ବିଜେଡି ବିଜୟର ବାନା ଉଡ଼ାଇଛନ୍ତି। ଜନମତକୁ ନେଇ ବିଜେଡି ଜିଲା ସଭାପତି କୁଶ ଆପଟ କହିଛନ୍ତି, ସେ ଏହାର ସମୀକ୍ଷା କରୁଛନ୍ତି ଏବଂ କାରଣ ଖୋଜୁଛନ୍ତି। ଅନ୍ୟପକ୍ଷରେ ଏଭଳି ବିଜୟକୁ ନେଇ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମୋହନ ମାଝି କହିଛନ୍ତି, ଏହା ନିଶ୍ଚିତ ଭାବରେ ଆମର ଐତିହାସିକ ବିଜୟ। ଆମେ ଯାହା ଭାବିଥିଲୁ ସେଭଳି ଫଳାଫଳ ହୋଇଛି। ଆମେ ସରକାର କରିବୁ ବୋଲି କହିଥିଲୁ ଏବଂ କରିବୁ। ଭୋଟରଙ୍କ ବିଶ୍ୱାସ ଏବଂ ମୋଦିଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦଳକୁ ବିଜୟରେ ସହାୟକ ହୋଇପାରିଛି।

## ସନାତନଙ୍କ ବୃହତ ବିଜୟ


ସମର୍ଥକଙ୍କ ଗହଣରେ ସନାତନ ମହାକୁଡ଼।

ଚମ୍ପୁଆ/ଯୋଡ଼ା,୪।୬
(ମହେଶ୍ୱର ଦାସ/ମାନସ ମହାନ୍ତି)

ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ଚମ୍ପୁଆ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ପ୍ରାର୍ଥୀ ସନାତନ ମହାକୁଡ ୪୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟ ଲାଭ କରିଛନ୍ତି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ମୋଦି ଗ୍ୟାରେଣ୍ଟି ଏବଂ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମାଙ୍କର ପ୍ରଚାର କାମ ଦେଇନି। ପୁନଃ ଚମ୍ପୁଆର ଭୋଟର ନବୀନ ପଟ୍ଟନାୟକଙ୍କ ଉପରେ ଭରସା କରି ସନାତନ ମହାକୁଡଙ୍କୁ ବିଜୟ କରିଛନ୍ତି। ଭୋଟ ଗଣତିରେ ପ୍ରଥମ ରାଉଣ୍ଡ ଆରମ୍ଭ କରି ୧୯ ରାଉଣ୍ଡ ପର୍ଯ୍ୟନ୍ତ ଭୋଟ ଗଣତିରେ ସନାତନ ଆଗୁଆ ରହିଥିଲେ। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୫୪ଟି ବୁଥ୍ ଥିବା ବେଳେ ୧ ଲକ୍ଷ ୮୨ହଜାର ଭୋଟର ମତଦାନ କରିଥିଲେ। ସନାତନ ସର୍ବମୋଟ ୧୦,୨୯୨୬ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ୬୨, ୮୯୧ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ମୋଟ ୮୫୮୪ ଭୋଟ ପାଇଥିଲେ। ନୋଟାରେ ୧୩୪୩ ଭୋଟ ପଡ଼ିଥିବା ସୂଚନା ରହିଛି। ତେବେ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ ୪୦୦୩୫ ଭୋଟରେ ବିଜୟୀ ହୋଇଛନ୍ତି। ଶତକଡ଼ା ୮୦ ପ୍ରତିଶତ ଭୋଟଦାନ ଚଳିତ ବର୍ଷ ହୋଇଥିଲା। ବିଜୟ ଘୋଷଣା ପରେ ଚମ୍ପୁଆ, ଯୋଡ଼ା, ବଡ଼ବିଲ, ବାମେବାରୀ, ଭଦ୍ରାସାହି, ବିଲେଇପଦା, କାଳିମାଟି, ଦବୁନା, ପ୍ରଭୃତି ସ୍ଥାନଗୁଡ଼ିକରୁ ବିଜୟୀ ପ୍ରାର୍ଥୀ ସନାତନ ମହାକୁଡଙ୍କୁ ଶୁଭେଚ୍ଛା ଦେବା ପାଇଁ ବିଭିନ୍ନ ମାନ୍ୟଗଣ ବ୍ୟକ୍ତି, ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ସନାତନ କହିଛନ୍ତି, ଆଗରୁ ସ୍ୱାଧୀତ ଭାବେ ଲୋକଙ୍କ ସେବା କରୁଥିଲି, ବର୍ତ୍ତମାନ ଦଳିୟ ଟିକେଟରୁ ବିଜୟ ହେବା ପରେ ମଧ୍ୟ ଲୋକଙ୍କ ସେବା ଜାରି ରହିବ। ଏଥିସହ ଚମ୍ପୁଆ ନିର୍ବାଚନମଣ୍ଡଳୀର ଭୋଟରଙ୍କୁ କୃତଜ୍ଞତା ଜଣାଇଥିଲେ।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ପାଟଣା,୪।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନା ପଶି ପଞ୍ଚାୟତ ଗୁଡ଼ି ପୋଖରୀ ଗ୍ରାମର ଜଣେ ବୃଦ୍ଧଙ୍କ ମଙ୍ଗଳବାର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗ୍ରାମର ପଦ୍ମ ବାହାଦୁର(୬୪)। ସେ ଅପରାହ୍ନରେ ଗାଁ ବନ୍ଧକୁ ଶୌଚ ହେବା ପାଇଁ ଯାଉଥିବା ବଜ୍ରପାତର ଶିକାର ହୋଇଥିଲେ। ଏଥିରେ ତାଙ୍କର କପାଳ, ଗୋଡ, ମୁଣ୍ଡ କହୁଣୀ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆନନ୍ଦପୁର, ଘସିପୁରାରେ ବିଜେଡିର ବାଜିମାତ୍

ଘସିପୁରା/ଆନନ୍ଦପୁର/ଢେଙ୍କିକୋଟ/
ହାଟଡିହୀ (ନିରଞ୍ଜନ ସାହୁ/ ଉମେଶ ଚନ୍ଦ୍ର ପାଢ଼ୀ/ ନୀଳମଣି ମଣ୍ଡଳ/
ଶୁଭକାନ୍ତ ନାୟକ),୪।୬:

କେନ୍ଦୁଝର ଲୋକ ସଭା କ୍ଷେତ୍ର ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ବିଜେଡି ବାଜିମାତ୍ କରିଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ୧୦,୯୬୬ ଭୋଟରେ ବିଜୟୀ ହୋଇଛନ୍ତି। ବିଜେଡିକୁ ୭୧, ୬୫୧ ଭୋଟ ମିଳିଥିବା ବେଳେ କଂଗ୍ରେସର ଜୟଦେବ ଯେନାଙ୍କୁ ୬୦, ୬୮୫, ତୃତୀୟ ସ୍ଥାନରେ ଥିବା ଭାଜପାର ଆଲୋକ ସେଠୀଙ୍କୁ ୪୨, ୫୯୧ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ଝାଙ୍ଗିରାଣୀ ଦାସଙ୍କୁ ୧୬୯୪, ବିଶ୍ୱନାଥ ପ୍ରତାପ ଯେନାଙ୍କୁ ୮୮୯, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ନୀଳକଣ୍ଠ ଯେନାଙ୍କୁ ୯୬୩ ଏବଂ ବହୁଜନ ସମାଜ ପାର୍ଟିର ଦେବେନ୍ଦ୍ର ଯେନାଙ୍କୁ ୫୦୧ ଭୋଟ ମିଳିଛି। ନୋଟାକୁ ୧୬୦୩ ଭୋଟ ମିଳିଛି। ସେହିପରି ଚର୍ଚ୍ଚିତ ଘସିପୁରା ନିର୍ବାଚନମଣ୍ଡଳୀରେ ବଦ୍ରି ନାରାୟଣ ପାତ୍ର ୧୩, ୭୫୧ ଭୋଟ ବ୍ୟବଧାନରେ ପ୍ରତିପକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ବଦ୍ରି ବିଜୟ ପରେ ୬ଷ୍ଠ ଥର ପାଇଁ ବିଧାୟକ ଭାବେ ବିଜୟ ମୁକୁଟ ପିନ୍ଧିଛନ୍ତି। କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡି ୮୨, ୩୦୯ ଖଣ୍ଡ ଭୋଟ ପାଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୬୮, ୫୫୮ ଏବଂ ବିଜେପିର ଡ. ଶମ୍ଭୁନାଥ ରାଉତ ୨୩, ୭୩୦ ଖଣ୍ଡ ଭୋଟ ହାତେଇଥିଲେ। ପ୍ରାରମ୍ଭିକ ରାଉଣ୍ଡରୁ ସ୍ୱାଧୀନ ପ୍ରାର୍ଥୀ ଲିଡ୍‌ରେ ରହିଆସିଥିଲେ। ୧୩ ରାଉଣ୍ଡ ସୁଦ୍ଧା ୧୩୧୦ ଖଣ୍ଡ ଭୋଟ ବ୍ୟବଧାନରେ ସୌମ୍ୟ ଆଗୁଆ ଥିବାବେଳେ ୧୪ ରାଉଣ୍ଡରେ ବଦ୍ରି ପଲା ଓଲଟାଇ ଜନମତକୁ ନିଜ ସପକ୍ଷରେ ନେବାକୁ ସମର୍ଥ ହୋଇଥିଲେ। ପରେ ଶେଷ ପର୍ଯ୍ୟନ୍ତ ବିଜୟ ଧାରାକୁ ଶୀର୍ଷରେ ପହଞ୍ଚାଇଥିଲେ। ନିଜ ବ୍ଲକ୍ ଘସିପୁରାରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିଥିଲା।


ବିଜୟ ପରେ ଉତ୍ସାହିତ କର୍ମକର୍ତ୍ତାଙ୍କ ସହ ବଦ୍ରି ନାରାୟଣ ପାତ୍ର।

## ଢେଙ୍କିକୋଟରେ ଉତ୍ସାହ

ଢେଙ୍କିକୋଟ୍,୪।୬(ନୀଳମଣି ମଣ୍ଡଳ)

୨୦୨୪ ନିର୍ବାଚନ ରଣାଙ୍ଗନାରେ କେନ୍ଦୁଝର ଜିଲା ଏମ୍‌ପି ଭାବେ ଭାରତୀୟ ଜନତା ପାର୍ଟି ତରଫରୁ ଢେଙ୍କିକୋଟ୍ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମର ଅନନ୍ତ ନାୟକ ବିଜୟ ଲାଭ କରିଛନ୍ତି। ବିଜେଡି ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, କଂଗ୍ରେସର ବିନୋଦ ବିହାରୀ ନାଏକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଜହନ ମିରନ ମୁଣ୍ଡା ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଥିଲେ। ୪ ଜଣଙ୍କ ମଧ୍ୟରୁ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ସେ ଧନୁର୍ଜୟ ସିଦ୍ଧୁଙ୍କୁ ୭୯ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି ବାଜିମାତ କରିଛନ୍ତି। ଢେଙ୍କିକୋଟ ଜୋନ୍ ଭାଜପା କର୍ମୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

ବାଲେଶ୍ୱର

## ଗୌତମଙ୍କ ଉପରେ ଭରସା କଲେ ଭୋଗରାଇବାସୀ



ସମର୍ଥକଙ୍କ ସହ ଗୌତମବୁଦ୍ଧ।

ଭୋଗରାଇ, ୪।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଗୌତମବୁଦ୍ଧ ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ୬୬୧୬ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଗୌତମବୁଦ୍ଧ ୭୦ହଜାର ୮୩ଖଣ୍ଡ ଭୋଟ ପାଇଥିବା ବେଳେ ସତ୍ୟଶିବ ଦାସଙ୍କୁ ୬୩ହଜାର ୪୬୭ ଭୋଟ ମିଳିଛି। ସେହିପରି ଭାଜପା ପ୍ରାର୍ଥୀ ଆଶିଷ କୁମାର ପାତ୍ରଙ୍କୁ ୪୦ହଜାର ୯୫୮ଖଣ୍ଡ ଭୋଟ ମିଳିଥିବା ବେଳେ ନବଭାରତ ନିର୍ମାଣ ସେବା ପାର୍ଟିର ଭଗବାନ ଚନ୍ଦ୍ର ବେହେରାଙ୍କୁ ୩୩୦ଖଣ୍ଡ ଓ ସ୍ୱାଧୀନ ପ୍ରାର୍ଥୀ ଅସିତ କୁମାର ଚନ୍ଦଙ୍କୁ ମାତ୍ର ୨୯୬ଖଣ୍ଡ ଭୋଟ ମିଳିଛି। ପରାଜିତ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସ ଭୋଗରାଇ ଜନାଦେଶକୁ ସମ୍ମାନ ଜଣାଇବା ସହିତ ଭବିଷ୍ୟତ ନିମନ୍ତେ ଏକ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢି ତୋଳିବାକୁ ଭୋଗରାଇବାସୀଙ୍କୁ ନିବେଦନ କରିଛନ୍ତି। ବିଜୟୀ ବିଜେଡି ପ୍ରାର୍ଥୀ ଗୌତମବୁଦ୍ଧ ଦାସ ଭୋଗରାଇବାସୀଙ୍କ ବିଶ୍ୱାସ ଓ ଭରସା ଯୋଗୁ ବିଜୟୀ ହୋଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଭୋଗରାଇର ଉନ୍ନତି ଓ ପ୍ରଗତି ନିମନ୍ତେ ସ୍ୱଚ୍ଛ ଭାବେ କାର୍ଯ୍ୟ କରିବେ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

# ହାତେଇଲା ଲୋକ ସଭା ସହ ୪ ବିଧାନସଭା ଆସନ

ବାଲେଶ୍ୱର, ୪।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ୮ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ଟି ବିଧାନସଭା ନିର୍ବାଚମଣ୍ଡଳୀ ସହ ଲୋକସଭା ଆସନରେ ଭାଜପାର ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ଏହାକୁ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଦେଖାଦେଇଛି। ଦୀର୍ଘ ୨୫ବର୍ଷ ଧରି ଶାସନ କରିଆସୁଥିବା ବିଜେଡି ପ୍ରାର୍ଥୀମାନେ ନିରାଶ ହୋଇଛନ୍ତି।

ନୀଳଗିରି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ସନ୍ତୋଷ ଖଟୁଆ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ସୁକାନ୍ତ ନାୟକଙ୍କୁ ପ୍ରାୟ ୧୯ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ରେମୁଣା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଳିକଙ୍କୁ ପ୍ରାୟ ୧୮ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ହରାଇଛନ୍ତି। ବାଲେଶ୍ୱର ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ମାନସ କୁମାର ଦତ୍ତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ସ୍ୱରୂପ କୁମାର ଦାସଙ୍କୁ ପ୍ରାୟ ୨୭ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ପରାଜିତ କରିଛନ୍ତି। ସେହିପରି ସିମୁଳିଆ

## ବାଲେଶ୍ୱର ଜିଲାରେ ଭାଜପାର ବାଜିମାତ୍

ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ତାଙ୍କର ନିକଟତମ ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁଙ୍କୁ ପ୍ରାୟ ୧୨ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ପରାଜିତ କରଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଜେଡି ମାତ୍ର ୪ଟି ଆସନରେ ବିଜୟୀ ହୋଇଛି। ବସ୍ତା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କୁ ପ୍ରାୟ ୩୩ହଜାର ଭୋଟ୍‌ରେ ପରାଜୟ କରିଥିବା ବେଳେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଗୌତମ ବୁଦ୍ଧ ଦାସ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ପ୍ରାୟ ୬ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରିଥିବା ବେଳେ ସୋର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ତାଙ୍କର ନିଟକତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପର୍ଶୁରାମ ଧଡ଼ାଙ୍କୁ ପ୍ରାୟ ୫୬୩ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ଲୋକସଭା ଆସନରେ ଭାଜପା ପ୍ରାର୍ଥୀ ଭାଜପା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କଠାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ପ୍ରାୟ ୧ଲକ୍ଷ ୪୦ହଜାର ଭୋଟ୍‌ରେ ଆଗୁଆ ଥିବା ଜଣାପଡ଼ିଛି।

## ନୀଳଗିରିରେ ପୁଣି ଫୁଟିଲା ପଦ୍ମ


ସମର୍ଥକଙ୍କ ଗହଣରେ ସନ୍ତୋଷ ଖଟୁଆ।

ନୀଳଗିରି, ୪।୬(ପ୍ରଶାନ୍ତ ବିଶ୍ୱାଳ)– ପରିବର୍ତ୍ତନର ନାରା ଶଙ୍ଖଦଳକୁ ଧରାଶାୟୀ କରିଥିବା ବେଳେ ସାରା ରାଜ୍ୟରେ ପଦ୍ମ ହସୁଛି। ସେହି କ୍ରମରେ ନୀଳଗିରି ବିଧାନସଭାର ବିଜୟୀ ବ୍ୟବଧାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୁଇ ଦଳରୁ ଦୁଇ ଦୁଇଥର ବିଧାୟକ ସୁକାନ୍ତ ନାୟକ ପଦ୍ମ ଲହରରେ ତାଙ୍କ ସତ୍ତା ହରାଇଛନ୍ତି। ଚଳିତ ନିର୍ବାଚନରେ ଭାଜପାରୁ ନିର୍ବାଚନ ଲଢୁଥିବା ସନ୍ତୋଷ ଖଟୁଆ ନିର୍ବାଚନ ପୂର୍ବରୁ ବହୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିଥିଲେ ମଧ୍ୟ ନିର୍ବାଚନ ରଣାଙ୍ଗନରେ ବିଜେଡି ପ୍ରାର୍ଥୀ ନାୟକଙ୍କୁ ୧୯୮୩୯ ଖଣ୍ଡ ଭୋଟରେ ପରାଜିତ କରି ବିଜୟ ମୁକୁଟ ପିନ୍ଧିଛନ୍ତି। ତେବେ ସନ୍ତୋଷ ଖଟୁଆଙ୍କ ସମର୍ଥକମାନେ ବିଜୟ ଉତ୍ସବ ପାଳନ କରିବା ସହିତ ଡିଜେ ଓ ବାଣ ଫୁଟାଇ ଏକ ଶୋଭାଯାତ୍ରାରେ ନୀଳଗିରି ସହର ପରିକ୍ରମା କରିଥିଲେ।

## ଖାତା ଖୋଲିଲା ଭାଜପା, ସିମୁଳିଆରୁ ଜିତିଲେ ପଦ୍ମଲୋଚନ

ଖଇରା(ଉତ୍କଳବନ୍ଧୁ ପଣ୍ଡା)/
ସିମୁଳିଆ(ସନ୍ତୋଷ ନାୟକ), ୪।୬

ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଇତିହାସରେ ପ୍ରଥମ କରି ଭାଜପା ଖାତା ଖୋଲିବାକୁ ସକ୍ଷମ ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସୁବାସିନୀ ସାହୁଙ୍କୁ ୧୩ହଜାର ୧୮୩ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଏହାପୂର୍ବରୁ ପଣ୍ଡା ୧୯୮୪ ମସିହାରେ ସିମୁଳିଆ ବ୍ଲକ କାଞ୍ଚପଡା ପଞ୍ଚାୟତରୁ ପ୍ରଥମେ ସରପଞ୍ଚ ଓ ପରେ ବ୍ଲକ ଅଧ୍ୟକ୍ଷ ଭାବେ ବିଜୟୀ ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତା' ପରଠାରୁ ସେ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରିଥିଲେ। ପରବର୍ତ୍ତୀ ସମୟରେ ୧୯୮୫, ୧୯୯୫ ଓ ୨୦୦୪ ମସିହାରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ୩ଥର ବିଧାୟକ ଭାବେ ବିଜୟୀ ହେବା ସହ ପଞ୍ଚାୟତିରାଜ ଓ ମତ୍ସ୍ୟ, ପଶୁପାଳନ ଭଳି ମନ୍ତ୍ରୀପଦରେ ରହି ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ। ୨୦୦୯ ଓ ୨୦୧୪ରେ କଂଗ୍ରେସ ଟିକେଟ ଓ ୨୦୧୯ରେ ଭାଜପା ଟିକେଟରୁ ଲଢି କ୍ରମାଗତ ପରାସ୍ତ ହୋଇଥିଲେ। ୨୦୧୪ ଓ ୨୦୧୯ରେ କ୍ରମାଗତ ୨ ଥର ସେ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କଠାରୁ ପରାଜୟ ବରଣ କରିଥିଲେ ହେଁ ବିରୋଧୀ ଆସନରେ ରହି ଲୋକଙ୍କ ସୁଖଦୁଃଖରେ ଛିଡା ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡି ଜ୍ୟୋତିପ୍ରକାଶଙ୍କ ଟିକେଟ କାଟି ସୁବାସିନୀ ସାହୁଙ୍କୁ ଦେଇଥିଲା। ଏଥିପାଇଁ ଜ୍ୟୋତିଙ୍କୁ ଭଲ ପାଉଥିବା ସମର୍ଥକମାନେ ଏହାର ପ୍ରତିବାଦରେ ବିରୋଧୀ ଶିବିରକୁ ସହଯୋଗ କରିଥିଲେ। ଯେଉଁଥିପାଇଁ ପଦ୍ମଲୋଚନଙ୍କ ବିଜୟ ସହଜ ହେଲା ବୋଲି କୁହାଯାଉଛି। ସେପଟେ ତାଙ୍କ ସମୟରୁ ବାକିଥିବା ଖଇରା ସିମୁଳିଆର ବିକାଶକୁ ତ୍ୱରାନ୍ୱିତ କରିବା, ଦୁର୍ନୀତି ରୋକିବା ସହ ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ସେବା ପାଇଁ ପ୍ରାଥମିକତା ଦେବେ ବୋଲି ପଦ୍ମଲୋଚନ କହିଛନ୍ତି।


ସମର୍ଥକଙ୍କ ସହ ଖୁସି ପାଳନ କରୁଛନ୍ତି ପଦ୍ମଲୋଚନ।

## ପରାଜୟ ସ୍ୱୀକାର କଲେ, ସଙ୍ଗଠନ ସୁଦୃଢ଼ ପାଇଁ ପ୍ରତିଶ୍ରୁତି ଦେଲେ

ଖଇରା, ୪।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ନର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁ ପରାଜୟ ବରଣ କରିବା ସତ୍ତ୍ୱେ ଏହା ସ୍ୱୀକାର କରି ପୂର୍ବଭଳି ଆଗାମୀ ଦିନରେ ସିମୁଳିଆ ଖଇରା ଲେକଙ୍କ ସହ ରହି ତାଙ୍କ ସୁଖଦୁଃଖରେ ଛିଡା ହେବା ଲାଗି ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ତାଙ୍କୁ ସମର୍ଥନ ଦେଇଥିବା ୭୭ହଜାର ୪୯୩ଜଣ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିର୍ବାଚନରେ ହାରଜିତ୍ ସାଧାରଣ ଘଟଣା। ଏଣୁ ଚଳିତ ନିର୍ବାଚନରେ ତ୍ରୁଟିକୁ ସୁଧାରି ଆଗାମୀ ଦିନରେ କିଭଳି ସଙ୍ଗଠନକୁ ସୁଦୃଢ କରାଯିବା ତା' ଉପରେ ଧ୍ୟାନ ଦେବେ ବୋଲି ଉଭୟ ସୁବାସିନୀ ଏବଂ ତାଙ୍କ ସ୍ୱାମୀ ତଥା ରାଜ୍ୟ ସରକାରଙ୍କ ମାନବ ସମ୍ବଳ ଓ ସଂସ୍କୃତି ବିଭାଗର ପୂର୍ବତନ ସମ୍ପାଦକ ଶଶି କୁମାର ସାହୁ ତାଙ୍କ ସମର୍ଥକଙ୍କୁ ଆଶ୍ୱାସନା ଦେଇ ପୋଷ୍ଟ କରି କହିଛନ୍ତି।



ସୁବାସିନୀ ଓ ତାଙ୍କ ସ୍ୱାମୀ ଶଶି କୁମାର ସାହୁ।

